## 2023-24

| | | |
|---|---|---|
| F | 81 | ନିୟମିତ ବ୍ୟବଧାନରେ ପୋଖରୀ ଜଳର ଅମ୍ଳତ୍ୱ, କ୍ଷାରତ୍ୱ, ସାମଗ୍ରିକ କ୍ଷାରତ୍ୱ, ଦ୍ରବୀଭୁତ ଅମ୍ଳଜାନ, ଆମୋନିଆ, ନାଇଟ୍ରାଇଟ, ସ୍ୱଚ୍ଛତା ଇତ୍ୟାଦି ପରୀକ୍ଷା କରିବା ଆବଶ୍ୟକ। ଏହା କୃଷି ବିଜ୍ଞାନ କେନ୍ଦ୍ର କିମ୍ବା ନିକଟସ୍ଥ ମତ୍ସ୍ୟ ଅଧିକାରୀଙ୍କ ପରୀକ୍ଷାଗାରରେ ପରୀକ୍ଷା କରାଇ ନିଅନ୍ତୁ। |
| | | Total No of Farmer : - 64250 Advisory Date :-3/7/2024 8:52:31 AM |
| C | 80 | ମୁଗ ଓ ବିରି ଫସଲରେ ପତ୍ର ଖିଆ ପୋକର ଆକ୍ରମଣ ଥିଲେ ଫିପ୍ରୋନିଲ ୫ ଏସ୍.ସି.କୁ ଏକର ପ୍ରତି ୪୦୦ ମିଲି ହିସାବରେ ପତ୍ର ସିଞ୍ଚନ କରନ୍ତୁ। |
| | | Total No of Farmer : - 149480 Advisory Date :-3/7/2024 8:50:02 AM |
| C | 79 | ମୁଗ ବିରି ଫସଲରେ ଅନାବନା ଘାସ ଦମନ ପାଇଁ ପ୍ରାକ ତୃଣନାଶକକାରୀ ପେଣ୍ଡିମିଥାଲିନ ୧ ଲିଟର ପାଣିରେ ୫ ମି.ଲି ମିଶାଇ ୨୦୦ ଲିଟର ଦ୍ରବଣ ଏକର ଜମିରେ ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-2/25/2024 8:37:03 AM |
| F | 78 | କମ୍ ଅବଧିରେ ଅଧିକ ମାଛ ଉତ୍ପାଦନ ନିମନ୍ତେ ଏକର ପ୍ରତି ୨୦୦୦ ଗୋଟି ଭାକୁର, ରୋହି, ମିରିକାଳୀ, ଗ୍ରାସ କାର୍ପ, ଅମୁର କାର୍ପର ମୁଣ୍ଡା ଯାଆଁଳ ଛାଡ଼ନ୍ତୁ। |
| | | Total No of Farmer : - 64249 Advisory Date :-2/24/2024 8:37:47 AM |
| C | 77 | ମୁଗ ବିରି ଫସଲରେ ସାହେବୀ ରୋଗର ପ୍ରାର୍ଦୁଭାବ କମାଇବା ପାଇଁ ବିହନ ବୁଣିବା ସମୟରେ ଇମିଡାକ୍ଲୋପ୍ରିଡ୍ ୬୦୦ ଏଫ.ଏସ. କୁ ୧ କି.ଗ୍ରା. ବିହନ ପ୍ରତି ୪ ମି.ଲି. ମିଶାଇ ତାକୁ ଭଲ ଭାବରେ ଗୋଳାଇ ବିଶୋଧନ କରି ଜମିରେ ବୁଣନ୍ତୁ। |
| | | Total No of Farmer : - 149465 Advisory Date :-2/24/2024 8:31:09 AM |
| F | 76 | ମାଛର ଉତ୍ତମ ବୃଦ୍ଧି ପାଇଁ ଭାସମାନ ମାଛ ଖାଦ୍ୟକୁ ସମୁଦାୟ ମାଛ ଶରୀର ଓଜନର ୨ପ୍ରତିଶତ ହିସାବରେ ଦିନକୁ ଦୁଇଥର (ସକାଳେ ଓ ସଂଧ୍ୟା ବେଳେ) ପୋଖରୀରେ ପ୍ରୟୋଗ କରନ୍ତୁ। |
| | | Total No of Farmer : - 64247 Advisory Date :-1/27/2024 5:05:53 PM |
| C | 75 | ଆଳୁ ଫସଲରେ ପତ୍ରପୋଡା ରୋଗ ଦେଖାଗଲେ ମେଟାଲାକ୍ସିଲ ୮% ସହ ମାଙ୍କୋଜେବ୍ ୬୪% ଏକର ପ୍ରତି ୫୦୦ ଗ୍ରାମ ହିସାବରେ ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। |
| | | Total No of Farmer : - 101035 Advisory Date :-1/27/2024 5:01:39 PM |
| C | 74 | ବର୍ତ୍ତମାନ ହୋଇଥିବା ସ୍ୱଳ୍ପ ବୃଷ୍ଟିପାତର ସୁଯୋଗ ନେଇ ଖରାଟିଆ ମୁଗ ଓ ବିରି ଫସଲ ବୁଣାକାର୍ଯ୍ୟ ଆରମ୍ଭ କରନ୍ତୁ। ବିଳମ୍ବରେ ବୁଣିଲେ ସାହେବୀ ରୋଗର ପ୍ରାଦୁର୍ଭାବ ବଢ଼ିବା ସହ କାଳ ବୈଶାଖୀ ଝଡ ଦ୍ୱାରା କ୍ଷତି ହେବାର ସମ୍ଭାବନା ଥାଏ। |
| | | Total No of Farmer : - 149478 Advisory Date :-1/27/2024 4:57:50 PM |
| O | 73 | ଯନ୍ତ୍ରଚାଳିତ ଧାନ କଟା ଯନ୍ତ୍ର ଦ୍ୱାରା ଧାନ ଅମଳ କରୁଥିଲେ, ଧାନ ନଡ଼ାକୁ ଜମିରେ ନ ପୋଡି ଏହାର ସୁବିନିଯୋଗ କରି ଛତୁ ଚାଷରେ ବ୍ୟବହାର କରନ୍ତୁ କିମ୍ବା ଏକର ପ୍ରତି ୪ ଗୋଟି ପୁଷା ଡିକମ୍ପୋଜର ବ୍ୟବହାର କରି କମ୍ପୋଷ୍ଟ କରନ୍ତୁ। |
| | | Total No of Farmer : - 151157 Advisory Date :-1/6/2024 12:13:38 PM |
| C | 72 | ଚିନାବାଦାମ ଫସଲରେ ମୂଳସଢ଼ା ରୋଗର ପ୍ରାଦୁର୍ଭାବ ଦେଖାଗଲେ ଏକର ପିଛା କ୍ଲୋରୋଥାଲୋନିଲ ୪୦୦ ଗ୍ରାମ କିମ୍ବା କାର୍ବେଣ୍ଡାଜିମ ୩୦୦ ଗ୍ରାମ କୁ ୮ ରୁ ୧୦ ଦିନ ବ୍ୟବଧାନରେ ଅଦଳ ବଦଳ କରି ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-1/6/2024 12:09:44 PM |
| C | 71 | ବିଭିନ୍ନ ପନିପରିବା ଓ ବିଦେଶୀ ପନିପରିବାର ଉନ୍ନତମାନର ଚାରା ସରକାରୀ ମୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା ଠାରେ ଉପଲବ୍ଧ ଅଛି। ସେଗୁଡ଼ିକ ମଧ୍ୟରୁ ବ୍ରକୋଲି, ରଙ୍ଗୀନ କ୍ୟାପସିକମ, ଚେରୀ ଟମାଟୋ, ଲିଫି ଲେଟ୍ୟୁସ, କୋବି, ବାଇଗଣ ଏବଂ ଲଙ୍କା ଅନ୍ୟତମ। |
| | | Total No of Farmer : - 101046 Advisory Date :-1/6/2024 12:08:05 PM |
| O | 70 | ଧିଙ୍ଗିରୀ ଛତୁର ଅଭାବୀ ବିକ୍ରୀ ସମସ୍ୟା ଥିଲେ, ଏଥିରୁ ମୂଲ୍ୟ ଯୁକ୍ତ ପଦାର୍ଥ ଯଥା- ଛତୁ ପାଉଡର, ଛତୁ ଆଚାର, ଛତୁ ସୁପ ପାଉଡର ପ୍ରସ୍ତୁତ କରିହେବ। ସବିଶେଷ ପ୍ରସ୍ତୁତି ପଦ୍ଧତି ପାଇଁ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡ଼ା ସହ ଯୋଗାଯୋଗ କରନ୍ତୁ। |

| | | |
|---|---|---|
| | | Total No of Farmer : - 101046 Advisory Date :-12/30/2023 11:36:48 AM |
| F | 69 | ସାପ୍ରୋଲେଗନିଆସିସ୍ ମାଛର ଏକ କବକ ଜନିତ ରୋଗ ଯାହା ସାପ୍ରୋଲେଗନିଆ ପାରାସାଇଟିକା ନାମକ କବକ ଦ୍ୱାରା ହୋଇଥାଏ। ଏହି ରୋଗର ନିରାକରଣ ପାଇଁ ୨୦୦ ଲିଟର ପାଣିରେ ୨୦ ଗ୍ରାମ ମାଲାଚାଇଟ ଗ୍ରୀନ ମିଶାଇ ଆକ୍ରାନ୍ତ ମାଛକୁ ବୁଡାଇ ପୋଖରୀରେ ଛାଡନ୍ତୁ। |
| | | Total No of Farmer : - 64249 Advisory Date :-12/30/2023 11:35:20 AM |
| C | 68 | ଲଙ୍କା ଫସଲରେ ଉଙ୍କୁଣିଆ ପୋକ ବା ଅଷ୍ଟପଦୀର ପ୍ରାଦୁର୍ଭାବ କମାଇବା ପାଇଁ ଏକର ପିଛା ସ୍ପାଇରୋମେସିଫେନ ୨୪୦ ଏସ.ସି ୧୨୦ ମି.ଲି କିମ୍ବା ଡାଇଆଫେନଥିଉରନ୍  ୫୦ ଡବ୍ଲ୍ୟୁ.ପି ୧୨୦ ଗ୍ରାମ ୮ ରୁ ୧୦ ଦିନ ବ୍ୟବଧାନରେ ଅଦଳ ବଦଳ କରି ସିଞ୍ଚନ କରନ୍ତୁ। ଏହା ସହିତ ଏକର ପ୍ରତି ୨୦ଟି ନୀଳ ଅଠାଳିଆ ଯନ୍ତା ବସାନ୍ତୁ। |
| | | Total No of Farmer : - 101044 Advisory Date :-12/30/2023 11:33:21 AM |
| C | 67 | କାଦୁଆ ବିରି ଫସଲରେ NPK ସାର ୧୯-୧୯-୧୯ କୁ ଲିଟର ପାଣିରେ ୨୦ ଗ୍ରାମ ମିଶାଇ ପତ୍ର ସିଞ୍ଚନ କଲେ ଗଛ ଭଲ ବଢ଼ିବା ସହ ଅମଳ ବୃଦ୍ଧି ପାଇଥାଏ। |
| | | Total No of Farmer : - 149477 Advisory Date :-12/20/2023 9:47:42 AM |
| C | 66 | ଚିନାବାଦାମ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା ବିହନକୁ ୨.୫ ଗ୍ରାମ କାର୍ବୋକ୍ସିନ ୩୭.୫% + ଥିରାମ ୩୭.୫% କୁ ଗୋଳାଇ ବିହନ ବିଶୋଧନ କରନ୍ତୁ। ଏହାଦ୍ୱାରା ଟିକା ରୋଗ ତଥା ମୂଳସଢ଼ା ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ। |
| | | Total No of Farmer : - 149465 Advisory Date :-12/7/2023 10:02:09 AM |
| C | 65 | ଲଘୁଚାପ ଜନିତ ବର୍ଷା ହେବାର ଆଶଙ୍କା ଥିବାରୁ ୮୦-୮୫ ପ୍ରତିଶତ ଧାନ ପାଚିଥିଲେ ଅମଳ କରି ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ। କଟା ନ ଯାଇଥିବା ଧାନ ଜମିରୁ ଜଳ ନିଷ୍କାସନ କରିବା ପାଇଁ ନାଳୀ କରି ନାଳୀ ମୁହଁକୁ ଖୋଲା ରଖନ୍ତୁ। |
| | | Total No of Farmer : - 149476 Advisory Date :-12/7/2023 9:59:00 AM |
| C | 64 | ତରଭୁଜ ଏକ ଅର୍ଥକାରୀ ଫସଲ। ଚାଷ କରିବା ପାଇଁ ଏବେ ଉପଯୁକ୍ତ ସମୟ। ଧାଡିକୁ ଧାଡି  ଓ ମନ୍ଦାକୁ ମନ୍ଦା ୧.୨ ମି. ବ୍ୟବଧାନରେ ପଲି ବ୍ୟାଗରେ ପ୍ରସ୍ତୁତ ଚାରା ରୋପଣ କରନ୍ତୁ। |
| | | Total No of Farmer : - 101046 Advisory Date :-12/7/2023 9:56:56 AM |
| F | 63 | ଶୀତଦିନେ ତାପମାତ୍ରା ହ୍ରାସ ଯୋଗୁଁ ମାଛମାନେ କମ ପରିମାଣର ଖାଦ୍ୟ ଗ୍ରହଣ କରିଥାନ୍ତି। ତେଣୁ ଖାଦ୍ୟର ପରିମାଣକୁ ୩୦ ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରନ୍ତୁ। |
| | | Total No of Farmer : - 64249 Advisory Date :-11/29/2023 12:37:57 PM |
| C | 62 | ଚିନାବାଦାମ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବୁଣିବାର ୨ ଦିନ ମଧ୍ୟରେ ଜମିରେ ବତର ଥିବା ସମୟରେ ଏକର ଜମି ପାଇଁ ୧ ଲିଟର ପେଣ୍ଡିମେଥାଲିନ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-11/29/2023 12:35:59 PM |
| C | 61 | ଆଳୁ ବିହନ ଲଗାଇବା ପୂର୍ବରୁ ୨୦ ଲିଟର ପାଣିରେ ୪୦ ଗ୍ରାମ କାର୍ବେଣ୍ଡାଜିମ ୫୦% ମିଶାଇ ଦ୍ରବଣ ପ୍ରସ୍ତୁତ କରି ଏକ କ୍ୱିଣ୍ଟାଲ ଆଳୁ ବିହନ ବିଶୋଧନ କରି ଲଗାନ୍ତୁ। |
| | | Total No of Farmer : - 101046 Advisory Date :-11/29/2023 12:34:22 PM |
| O | 60 | ଲଘୁଚାପ ଜନିତ ବର୍ଷା ଦ୍ବାରା ପନିପରିବା ଫସଲ ପ୍ରଭାବିତ ହେଲେ ମୂଳସଢା ଓ ଝାଉଁଳା ରୋଗ ହୋଇପାରେ। ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। |
| | | Total No of Farmer : - 101046 Advisory Date :-11/17/2023 7:55:33 PM |
| C | 59 | ସର୍ବନାଶୀ ଘାସମରା ବିଷ ଗ୍ଲାଇଫୋସେଟ୍ ଓ ପାରାକ୍ୱାଟର ବ୍ୟବହାର ନିଷେଧ କରାଯାଇଛି। ତେଣୁ ଏହା ବ୍ୟବହାର କରନ୍ତୁ ନାହିଁ। |
| | | Total No of Farmer : - 149465 Advisory Date :-11/17/2023 7:53:45 PM |
| C | 58 | ପ୍ରାକୃତିକ କୃଷି ଏକ ରାସାୟନିକ ମୁକ୍ତ କୃଷି ପଦ୍ଧତି, ଯାହା ମାଟିକୁ ସୁସ୍ଥ ରଖିବା ସହ ନିରାପଦ ବିଷମୁକ୍ତ ଖାଦ୍ୟ ଉତ୍ପାଦନ କରିଥାଏ। ସବିଶେଷ ସୂଚନା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ। |

| | | |
|---|---|---|
| | | Total No of Farmer : - 101045 Advisory Date :-11/10/2023 10:22:50 AM |
| C | 57 | ସୋରିଷ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଉନ୍ନତ କିସମର ତୋରିଆ ଜାତୀୟ ସୋରିଷ ଶୁଶ୍ରୀ ଓ ଅନୁରାଧା ଏକର ପ୍ରତି ୩-୪ କି.ଗ୍ରା ବିହନ ଧାଡିରେ ବୁଣନ୍ତୁ। |
| | | Total No of Farmer : - 149477 Advisory Date :-11/10/2023 10:14:59 AM |
| C | 56 | ପୋଟଳ ଚାଷ କରିବା ପାଇଁ ସିଙ୍ଗଲ ଲାଇନ ଟ୍ରେଲିସ ପ୍ରଣାଳୀରେ ଧାଡିକୁ ଧାଡି ୧ ମିଟର ଏବଂ ମନ୍ଦାକୁ ମନ୍ଦା ୧ ମିଟର ଦୂରତା ରଖି ୯ ଗୋଟି ମାତା ଗଛରେ ଗୋଟିଏ ନର ଗଛ ପୋଟଳ ଚେର କିମ୍ବା ଡାରା ଲଗାନ୍ତୁ। |
| | | Total No of Farmer : - 101046 Advisory Date :-11/4/2023 2:15:38 PM |
| F | 55 | ମାଛ ଉତ୍ପାଦନ ବଢାଇବା ପାଇଁ ପୋଖରୀ ଜଳର ଅମ୍ଳତ୍ବ-କ୍ଷାରତ୍ବ (pH) ୭.୮ – ୮.୫, ଦ୍ରବୀଭୂତ ଅମ୍ଳଜାନ ଲିଟର ପ୍ରତି ୫ ମି.ଗ୍ରା, ସ୍ବଚ୍ଛତା ୨୫ ସେ.ମି. ଏବଂ ସାମଗ୍ରିକ କ୍ଷାରତ୍ବ ଲିଟର ପ୍ରତି ୮୦-୧୦୦ ମି.ଗ୍ରା ରହିବା ଆବଶ୍ୟକ। ଏସବୁ ପରୀକ୍ଷଣ କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ। |
| | | Total No of Farmer : - 64249 Advisory Date :-11/4/2023 2:13:08 PM |
| C | 54 | ରବି ଚିନାବାଦାମ ଫସଲ କରିବା ପାଇଁ ଉପଯୁକ୍ତ କିସମ ଯଥା- ଦେବୀ, କାଦ୍ରୀ-୬, ସ୍ମୃତି, ସି.ଓ-୭ ଓ ଧରଣୀ ଆଦି ଏକର ପ୍ରତି ୫୦ କି.ଗ୍ରା ଚୋପାଛଡା ବିହନ ବ୍ୟବହାର କରନ୍ତୁ। |
| | | Total No of Farmer : - 149477 Advisory Date :-11/4/2023 2:10:24 PM |
| C | 53 | ଧାନ ଫସଲରେ ଗଳା ମହିଷା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି ହେକ୍ସାକୋନାଜୋଲ କିମ୍ବା ୨୦୦ ମି.ଲି ଆଜୋକ୍ସିଷ୍ଟ୍ରୋବିନ ଓ ଡାଇଫେନୋକୋନାଜୋଲ ର ମିଳିତ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ ଟେବୁକୋନାଜୋଲ ଓ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-10/27/2023 11:07:46 AM |
| C | 52 | ଧାନ ଗର୍ଭ ସଂଚାର ଓ ଫୁଲ ଉଡାଇବା ଅବସ୍ଥାରେ ବିଲରେ ୫ ସେ.ମି ଠିଆ ପାଣି ରଖନ୍ତୁ। ଫୁଲ ଉଡାଇବା ସମୟରେ ବିଲ ଭିତରକୁ ପ୍ରବେଶ କଲେ ପରାଗ ସଂଗମ ବାଧା ପ୍ରାପ୍ତ ହୋଇ ଧାନ ଅଗାଡି ହୋଇଯାଏ। |
| | | Total No of Farmer : - 149476 Advisory Date :-10/27/2023 10:36:29 AM |
| F | 51 | ମାଛମାନଙ୍କର ଲାଞ୍ଜ ଓ ପକ୍ଷ ଛିଣ୍ଡା ରୋଗର ନିରାକରଣ ପାଇଁ ୨୦୦ ଲିଟର ପାଣିରେ ୧୦୦ ଗ୍ରାମ ତୁତିଆ (କପର ସଲଫେଟ)ର ଦ୍ରବଣ ପ୍ରସ୍ତୁତ କରି ମାଛମାନଙ୍କୁ ବୁଡାଇ ଛାଡନ୍ତୁ। |
| | | Total No of Farmer : - 64249 Advisory Date :-10/27/2023 10:31:10 AM |
| C | 50 | ମାଟିଆ ଗୁଣ୍ଡି ବା ଧଳା ପିଠିଆ ମାଟିଆ ଗୁଣ୍ଡି ପୋକର ପ୍ରାଦୁର୍ଭାବ କମାଇବା ପାଇଁ ଧାନ ବିଲରେ ଛଅ ଫୁଟ ବ୍ୟବଧାନରେ ପାହି କରନ୍ତୁ। ବିଲରୁ ପାଣି ବାହାର କରି ଦିଅନ୍ତୁ। ଫ୍ଲୋନିକାମିଡ ୫୦ WG କୁ ଏକର ପ୍ରତି ୬୦ ଗ୍ରାମ କିମ୍ବା ପାଇମେଟ୍ରୋଜିନ ୫୦ WG କୁ ଏକର ପ୍ରତି ୧୨୦ ଗ୍ରାମ ହିସାବରେ ବୁଦା ମୂଳରେ ସିଞ୍ଚନ କରନ୍ତୁ। |
| | | Total No of Farmer : - 149480 Advisory Date :-10/20/2023 11:59:08 AM |
| O | 49 | ଧିଙ୍ଗିରି ଛତୁ ଚାଷ କରିବା ପାଇଁ ଉତ୍ତାପ ୨୦ ଡିଗ୍ରୀ ରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଆବଶ୍ୟକ। ବର୍ତ୍ତମାନ ସମୟରେ ଧିଙ୍ଗିରି ଛତୁ ଚାଷ କରିବା ପାଇଁ ଅନୁକୂଳ ସମୟ। ତେଣୁ ବ୍ୟାଗ ପ୍ରଣାଳୀରେ ଧିଙ୍ଗିରି ଛତୁ ଚାଷ ପାଇଁ ଛଣ ୨ ରୁ ୩ ଇଞ୍ଚ ସାଇଜରେ କାଟି କ୍ୟାଲସିୟମ କାର୍ବୋନେଟ ପାଉଡର ଦେଇ ଛତୁ ପକାନ୍ତୁ। |
| | | Total No of Farmer : - 101047 Advisory Date :-10/20/2023 11:45:28 AM |
| C | 48 | ଧାନ ଫସଲରେ ଗଣ୍ଠି ଛାଡିବା ବା ଗର୍ଭ ସଂଚାର ଆରମ୍ଭ ହେବା ଅବସ୍ଥାରେ ଏକର ପ୍ରତି ୧୭ କି.ଗ୍ରା ୟୁରିଆ ସାର ଓ ୧୫ କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। |
| | | Total No of Farmer : - 149477 Advisory Date :-10/20/2023 11:36:25 AM |
| C | 47 | ଅମୃତଭଣ୍ଡାର ଉପଯୁକ୍ତ କିସମ ଗୁଡିକ ହେଲା ପୁଷାନନ୍ହା, ରାଞ୍ଚି ଡ୍ବାର୍ଫ, କୁର୍ଗ ହନିଡ୍ୟୁ, ରେଡ ଲେଡି,ସିଣ୍ଟା ଓ ବିନାୟକ ଇତ୍ୟାଦି। |

| | | |
|---|---|---|
| | | Total No of Farmer : - 101046 Advisory Date :-10/5/2023 6:19:00 PM |
| C | 46 | ଧାନ ଫସଲରେ ପତ୍ରମୋଡା ଓ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଗଲେ କାରଟାପ ହାଇଡ୍ରୋକ୍ଲୋରାଇଡ ୫୦ ଏସ.ପି କିମ୍ବା ଫିପ୍ରୋନିଲ ୫ ଏସ.ସି କୀଟନାଶକକୁ ଏକରକୁ ୪୦୦ ଗ୍ରାମ ହିସାବରେ ୧୨-୧୩ ଡ୍ରମ ପତ୍ର ସିଞ୍ଚନ କରନ୍ତୁ। |
| | | Total No of Farmer : - 149480 Advisory Date :-10/5/2023 6:11:51 PM |
| C | 45 | ମାଟିରେ ବୋରନ ଅଭାବ ଥିଲେ ଧାନ ଅଗାଡି ହୋଇଯାଏ। ଏଥିପାଇଁ ଧାନର ଥୋଡ ବାହାରିବା ପୂର୍ବରୁ ଓ ଥୋଡ ସମୟରେ ବୋରନ ୨୦% ଲିଟର ପାଣିରେ ୧.୫ ଗ୍ରାମ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149477 Advisory Date :-10/5/2023 5:49:16 PM |
| F | 44 | ମାଛକୁ କ୍ଷତ ରୋଗରୁ (EUS) ରକ୍ଷା କରିବା ପାଇଁ ୧ ହେକ୍ଟର ପୋଖରୀରେ ୧ ଲିଟର ସିଫାକ୍ସ (CIFAX) ୧୦୦ ଲିଟର ପାଣିରେ ମିଶାଇ ପୋଖରୀରେ ପ୍ରୟୋଗ କରନ୍ତୁ। |
| | | Total No of Farmer : - 64249 Advisory Date :-9/30/2023 9:52:52 AM |
| C | 43 | ଧାନ ଫସଲରେ ପତ୍ର ମୋଡା ପୋକର ପ୍ରାଦୁର୍ଭାବ ଦେଖାଦେଲେ ଫିପ୍ରୋନିଲ ୫ ଏସ.ସି. କୀଟନାଶକକୁ ଏକର ପିଛା ୪୦୦ ମି.ଲି ହିସାବରେ ୧୨-୧୩ ଡ୍ରମ ପତ୍ର ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-9/30/2023 9:48:30 AM |
| C | 42 | ଧାନ ଫସଲ ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହୋଇଯାଇଥିଲେ, ତୁରନ୍ତ ଜମିରୁ ଜଳ ନିଷ୍କାସନର ବ୍ୟବସ୍ଥା କରି, ସଙ୍ଗେ ସଙ୍ଗେ ୟୁରିଆ ସାର ପ୍ରୟୋଗ ନ କରି ନୂଆ ପିଲ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। |
| | | Total No of Farmer : - 149475 Advisory Date :-9/30/2023 9:46:29 AM |
| C | 41 | ଧାନ ଫସଲରେ ପତ୍ରାଚ୍ଛାଦ ପୋଡା ରୋଗ ଦେଖାଦେଲେ ଆଜୋକ୍ସିଷ୍ଟ୍ରବିନ ୧୮.୨ ପ୍ରତିଶତ ସହ ଡାଇଫେନକୋନାଜୋଲ ୧୧.୪ ପ୍ରତିଶତ ମିଶ୍ରିତ ଫିମ୍ପିନାଶକକୁ ଏକରକୁ ୨୦୦ ମି.ଲି ହିସାବରେ ୧୨-୧୩ ଡ୍ରମ ପତ୍ର ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-9/22/2023 9:28:31 AM |
| C | 40 | ଧାନ ପିଲ ସାର ପାଇଁ ମାତ୍ରାଧିକ ୟୁରିଆ ପ୍ରୟୋଗ ନ କରି ଅନୁମୋଦିତ ମାତ୍ରା ପ୍ରୟୋଗ କରି ଫସଲକୁ ରୋଗ ପୋକ ଆକ୍ରମଣରୁ ରକ୍ଷା କରନ୍ତୁ। |
| | | Total No of Farmer : - 149476 Advisory Date :-9/22/2023 9:16:48 AM |
| F | 39 | ସ୍ବଳ୍ପ ଖର୍ଚ୍ଚରେ ଉତ୍ତମ ଖାଦ୍ୟ ପାଇଁ କାଣ୍ଡିଆ କୁଣ୍ଡା ଓ ବାଦାମ ପିଡିଆର ମିଶ୍ରଣକୁ ସମାନ ଅନୁପାତରେ (୧:୧) ସମୁଦାୟ ମାଛ ଶରୀର ଓଜନର ୫ – ୨ ପ୍ରତିଶତ ହିସାବରେ ମାଛକୁ ଖାଇବାକୁ ଦିଅନ୍ତୁ। |
| | | Total No of Farmer : - 64249 Advisory Date :-9/22/2023 8:50:17 AM |
| C | 38 | ନିଅଣ୍ଟିଆ ବର୍ଷା ଯୋଗୁଁ ଧାନ ରୁଆ ଡେରି ହୋଇଯାଇଥିଲେ (ମଧ୍ୟମ କିସମର ୪୫ ଦିନର ଓ ବିଳମ୍ବ କିସମର ୬୦-୭୦ ଦିନର) ବୁଢା ତଳିକୁ ବୁଦା ପ୍ରତି ଅଧିକ (୫-୭) ତଳି ପ୍ରତିରୋପଣ କରନ୍ତୁ। |
| | | Total No of Farmer : - 149465 Advisory Date :-9/11/2023 12:21:49 PM |
| C | 37 | ବର୍ଷା ଦିନିଆ ଲଟା ଜାତୀୟ ପନିପରିବା ଫସଲରେ ଫଳ ମାଛିକୁ ନିୟନ୍ତ୍ରଣ କରିବା ପାଇଁ ଏକରକୁ ୧୦ଟି ଲେଖାଏ ଫଳ ମାଛି ଯନ୍ତା ବସାନ୍ତୁ। ଏହା ସହିତ ଏକ ଲିଟର ପାଣିରେ ୧୦୦ ଗ୍ରାମ ଗୁଡ, ୨ ଗ୍ରାମ କାରଟାପ୍ ହାଇଡ୍ରୋକ୍ଲୋରାଇଡ ମିଶାଇ ବିଷ ଦ୍ରବଣ ପ୍ରସ୍ତୁତ କରି ଚାଷ ଜମିରେ ୮ -୧୦ ଟି ସ୍ଥାନରେ ବସାନ୍ତୁ। |
| | | Total No of Farmer : - 101044 Advisory Date :-9/11/2023 12:14:28 PM |
| F | 36 | ବର୍ଷା ପରେ ପୋଖରୀର ପାଣି ଗୋଳିଆ ହୋଇଯାଇଥିଲେ ପାଣିକୁ ପରିଷ୍କାର କରିବା ପାଇଁ ହେକ୍ଟର-ମିଟର ପୋଖରୀରେ ୩୦୦ – ୪୦୦ କି.ଗ୍ରା ଚୂନ ପ୍ରୟୋଗ କରନ୍ତୁ। ଏହା ଦ୍ବାରା ପୋଖରୀ ପାଣି ବିଶୋଧିତ ଓ ରୋଗମୁକ୍ତ ହୋଇଥାଏ। |
| | | Total No of Farmer : - 64249 Advisory Date :-9/11/2023 12:09:57 PM |
| C | 35 | ବାଇଗଣ ଓ ଭେଣ୍ଡି ଫସଲରେ ଗଣ୍ଡି ଓ ଫଳ ବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦ ଗ୍ରାମ ଇମାମେକ୍ଟିନ ବେଞ୍ଜୋଏଟ  କିମ୍ବା ୭୦ ମିଲି ସ୍ପିନୋସାଡ ପ୍ରୟୋଗ କରନ୍ତୁ। |

| | | |
|---|---|---|
| | | Total No of Farmer : - 101044 Advisory Date :-8/30/2023 9:16:06 AM |
| C | 34 | ଧାନ ଜମିରେ ପିଲ ଅବସ୍ଥାରେ ୨ ରୁ ୩ ସେମି ଠିଆ ପାଣି ରଖନ୍ତୁ। ବୁଣାଧାନ ୪୫ ଦିନର ହୋଇଯାଇଥିଲେ ବେଉଷଣ କରନ୍ତୁ ନାହିଁ। ବେଶୀ ବହଳିଆ ଥିବା ବୁଦାରୁ ଧାନ ଗଛ ଉପାଡି ଖାଲି ସ୍ଥାନରେ ଲଗାନ୍ତୁ। |
| | | Total No of Farmer : - 149475 Advisory Date :-8/30/2023 9:11:45 AM |
| C | 33 | ଲଙ୍କାମରିଚ ତଳିଘେରାରେ ଘେରାକଟା ରୋଗର ପ୍ରତିକାର ପାଇଁ ଅଧିକ ଜଳ ନିଷ୍କାସନ କରନ୍ତୁ ଓ କପର ଅକ୍ସିକ୍ଲୋରାଇଡ ୩ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ। ଲଙ୍କା ଚାରାକୁ ରୋପଣ କରିବା ପୂର୍ବରୁ ୫ ମିଲି ଇମିଡାକ୍ଲୋପ୍ରିଡ ଓ ୧୦ ଗ୍ରାମ କାର୍ବେଣ୍ଡାଜିମକୁ ୧୦ ଲି ପାଣି ମିଶ୍ରିତ ଦ୍ରବଣରେ ଚାରାକୁ ୫ ମିନିଟ ପାଇଁ ବୁଡାଇ ବିଶୋଧନ କରନ୍ତୁ। |
| | | Total No of Farmer : - 101047 Advisory Date :-8/30/2023 9:07:08 AM |
| C | 32 | ବର୍ଷାପରେ ବାଇଗଣ ଫସଲରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଅଛି। ଏହି ପରିଚାଳନା ପାଇଁ ପ୍ରଥମେ ବାଇଗଣ ଫସଲରେ ପାଣି ଜମି ନରହିବା ପାଇଁ ନାଳୀର ବ୍ୟବସ୍ଥା କରନ୍ତୁ। ପ୍ରତି ଲିଟର ପାଣିରେ ୨ ଗ୍ରାମ ପ୍ଲାଣ୍ଟୋମାଇସିନ ସହିତ ୧ ମିଲି ଟେବୁକୋନାଜୋଲ ନାମକ ଫିମ୍ପିନାଶକ ମିଶାଇ ଗଛ ମୂଳ ଓ ମାଟିକୁ ଭଲ ଭାବରେ ଭିଜାନ୍ତୁ। |
| | | Total No of Farmer : - 101035 Advisory Date :-8/25/2023 1:07:45 PM |
| F | 31 | ମାଛ ଯାଁଳ ଛାଡିବା ପରେ ନିୟମିତ ଭାବେ ପାଣିର pH ଓ ତାପମାତ୍ରା ଯାଞ୍ଚ କରନ୍ତୁ। ପୋଖରୀ ପାଣିର ବିଶୋଧନ ପାଇଁ ଏକର ପିଛା ୪୦ କି.ଗ୍ରା ଚୁନ ପକାନ୍ତୁ। ପୋଖରୀରେ ପ୍ଲାଙ୍କଟନର ପରିମାଣ ବଢାଇବା ପାଇଁ ଗୋବର ଏକର ପିଛା ୨୦୦ କି.ଗ୍ରା ଓ ସୁପର ଫସଫେଟ ୪ କି.ଗ୍ରା ମାସରେ ୨ଥର ପ୍ରୟୋଗ କରନ୍ତୁ। |
| | | Total No of Farmer : - 64249 Advisory Date :-8/25/2023 1:03:52 PM |
| C | 30 | ନଳିତା ପଚାଇବା ସମୟରେ ନିନ ଫେଟ ସାଥୀ ବ୍ୟବହାର କଲେ ଏକର ପ୍ରତି ବାହାରୁଥିବା ଝୋଟରୁ ଆପଣ ଅଧିକ ୮୦୦୦ ଟଙ୍କା ପାଇପାରିବେ। ନଳିତା ୧୦-୧୨ ଦିନ ଭିତରେ ପଚିବା ସହିତ  ଝୋଟ ଭଲ ରଙ୍ଗର ହୋଇଥାଏ। |
| | | Total No of Farmer : - 149476 Advisory Date :-8/25/2023 12:59:46 PM |
| F | 29 | କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ ରୁ ୧୧ ସେ.ମି)ର ସମ୍ଭାବନା ରହିଛି। ତେଣୁ ବନ୍ୟା ପରିସ୍ଥିତି ଯୋଗୁଁ ପୋଖରୀରୁ ମାଛ ବାହାରି ନଯିବା ଓ ଅଦରକାରୀ ମାଛଙ୍କ ପ୍ରବେଶ ରୋକିବା ପାଇଁ ପୋଖରୀ ମୁହଁକୁ ବାଉଁଶ କିମ୍ବା ନାଇଲନ ଜାଲି ଦ୍ୱାରା ବନ୍ଦ କରନ୍ତୁ । |
| | | Total No of Farmer : - 64249 Advisory Date :-8/18/2023 2:14:23 PM |
| O | 28 | କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ ରୁ ୧୧ ସେ.ମି)ର ସମ୍ଭାବନା ରହିଛି। ତେଣୁ ଅମଳ ଉପଯୋଗୀ ପନିପରିବାକୁ ଯଥା ଶୀଘ୍ର ଅମଳ କରି ଦିଅନ୍ତୁ । ଟମାଟୋ, ଲଙ୍କା, ବାଇଗଣ ଆଦି ଚାରାକୁ ପଲିଥିନ (ଜରି) କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆଚ୍ଛାଦାନ କରି ରଖନ୍ତୁ, ଯେପରିକି ଏହା  ବର୍ଷା ଦ୍ୱାରା ପ୍ରଭାବିତ ହେବ ନାହିଁ । |
| | | Total No of Farmer : - 101046 Advisory Date :-8/18/2023 2:09:16 PM |
| O | 27 | କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ ରୁ ୧୧ ସେ.ମି)ର ସମ୍ଭାବନା ରହିଛି। ବର୍ଷା ଛାଡି ଖରା ପାଗ ହୋଇଗଲା ପରେ ଲେଡା ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ କରିବା ପାଇଁ ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫-ମି.ଲି ହିସାବରେ Lambda-cyhalothrin କିମ୍ବା ୨ ମିଲି ହିସାବରେ (Chlorpyriphos + Cypermethrin) ସିଂଚନ କରନ୍ତୁ । |
| | | Total No of Farmer : - 149479 Advisory Date :-8/18/2023 1:59:59 PM |
| C | 26 | ଅଗଷ୍ଟ ଓ ସେପ୍ଟେମ୍ବର ମାସ ଟମାଟୋ ଲଗାଇବାର ଉପଯୁକ୍ତ ସମୟ। ଏକର ପ୍ରତି ୧୫୦ ରୁ ୨୦୦ ଗ୍ରାମ ବିହନ ଦରକାର। ଉନ୍ନତ ବିହନ କିସମ ଯଥା ଉତ୍କଳ କୁମାରୀ, ଉତ୍କଳ ଦୀପ୍ତି, ଉତ୍କଳ ରାଜା ଓ ସ୍ବର୍ଣ୍ଣ ସମ୍ପଦ ଆଦି ବ୍ୟବହାର କରନ୍ତୁ। |
| | | Total No of Farmer : - 101046 Advisory Date :-8/12/2023 8:55:31 PM |

| | | |
|---|---|---|
| A | 25 | ଗୁହାଳ ଗୁଡିକୁ ସଫା ଓ ଶୁଷ୍କ ରଖନ୍ତୁ। ପଶୁମାନଙ୍କୁ ପର୍ଯ୍ଯାପ୍ତ ଖାଦ୍ୟ ଓ ଜଳ ଯୋଗାନ୍ତୁ। ବାର୍ଷିକ ଟୀକା ସାରଣୀକୁ ଅନୁସରଣ କରି ସେମାନଙ୍କୁ ଉପଯୁକ୍ତ ଟୀକାକରଣ କରାନ୍ତୁ। |
| | | Total No of Farmer : - 108281 Advisory Date :-8/12/2023 8:52:54 PM |
| F | 24 | Fry ରୁ Fingerling ବା ୮୦ ରୁ ୧୦୦ ମିମି ଲମ୍ବର ଅଙ୍ଗୁଳିକା ଯାଁଳ ଏଚଇବିଏ ପାଇଁ ପ୍ରାୟ ୩ ମାସ ସମୟ ଲାଗିଥାଏ। ଏକ ଏକର ପୋଖରୀରେ ପ୍ରାୟ ୪୦,୦୦୦ Fry ଛଡାଯାଇ ପାରିବ। ଏହି ଯାଁଳ ପାଇଁ ପୋଖରୀରେ ଥିବା ପ୍ରାକୃତିକ ଖାଦ୍ୟ ଯଥେଷ୍ଟ ନୁହେଁ। ସେଥିପାଇଁ କୁଣ୍ଡା ଓ ବାଦାମ ପିଡିଆ ଗୁଣ୍ଡକୁ ସମାନ ଅନୁପାତରେ ମିଶାଇ ଦିନକୁ ଦୁଇଥର ଖାଇବାକୁ ଦେବେ। |
| | | Total No of Farmer : - 64249 Advisory Date :-8/12/2023 8:50:11 PM |
| C | 23 | ଧାନ ଫସଲରେ କାଣ୍ଡ ବିନ୍ଧା ପୋକ ଓ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ ଏକର ପ୍ରତି ୩ ଟି ଫେରୋମାନ ଟ୍ରାପ ରଖନ୍ତୁ। କାଣ୍ଡ ବିନ୍ଧା ପୋକ ପ୍ରାଦୁର୍ଭାବ ଥିବା ଅଞ୍ଚଳରେ ଟ୍ରାଇକୋଗ୍ରାମା ପରଜୀବୀର ଅଣ୍ଡା ଏକର ପ୍ରତି ୪୦,୦୦୦ (୩ଟି ଟ୍ରାଇକୋ କାର୍ଡ) ୩ ଥର ବ୍ୟବହାର କରନ୍ତୁ। |
| | | Total No of Farmer : - 149479 Advisory Date :-8/4/2023 9:55:10 PM |
| C | 22 | କଖାରୁ ଜାତୀୟ ପନିପରିବା ଫସଲରେ ନିମ୍ନମୁଖୀ ପତ୍ରପୋଡା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ କପର ହାଇଡ୍ରକସାଇଡ କିମ୍ବା ୩ ଗ୍ରାମ ଫୋସେଟିଲ- ଏଏଲ୍ କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ ଏବଂ ମାଙ୍କୋଜେବର ମିଳିତ ଫିମ୍ପିନାଶକ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101035 Advisory Date :-8/4/2023 9:52:45 PM |
| F | 21 | ଏକ ଏକର ପୋଖରୀରେ ପ୍ରାୟ ୧୨ ଲକ୍ଷ ଗୁଣ୍ଡ ଯାଁଳ ଛଡାଯାଇ ପାରିବ। ଏହି ଯାଁଳ ପାଇଁ ପୋଖରୀରେ ଥିବା ଖାଦ୍ୟ ଯଥେଷ୍ଟ ନୁହେଁ। ସେଥିପାଇଁ କୁଣ୍ଡା ଓ ବାଦାମ ପିଡିଆ ଗୁଣ୍ଡକୁ ସମାନ ଅନୁପାତରେ ମିଶାଇ ଦିନକୁ ଦୁଇଥର ଖାଇବାକୁ ଦିଆଯାଏ। ୧୨ ଲକ୍ଷ ଗୁଣ୍ଡ ଯାଁଳ ପାଇଁ ପ୍ରଥମ ୬ ଦିନ ୭.୨ କି.ଗ୍ରା ଓ ତା ପର ୧୫ ଦିନ ୧୪.୪ କି.ଗ୍ରା ଖାଇବା ଦିନକୁ ଦୁଇଥର କରିଦେବେ। ୨୧ ଦିନ ପରେ ସେମାନେ ଫ୍ରାଇରେ ପରିବର୍ତ୍ତନ ହୋଇଯିବେ। |
| | | Total No of Farmer : - 64249 Advisory Date :-8/4/2023 9:50:05 PM |
| F | 20 | ପୋଖରୀରେ ଦଳକୁ ନିୟନ୍ତ୍ରଣ କରିବା ପାଇଁ ରାସାୟନିକ ପ୍ରଣାଳୀରେ ଗ୍ଲାଇଫୋସେଟ ଏକର ପିଛା ୧.୨ କି.ଗ୍ରା, ୨,୪-ଡି ଏକର ପିଛା ୨.୮ ରୁ ୪ କି.ଗ୍ରା, ସିମାଜାଇନ ୦.୩-୦.୫ ପିପିଏମ କିମ୍ବା ୧୦ ଲିଟରରେ ୦.୦୦୩ ଏମଏଲ ଇତ୍ୟାଦି ଅନ୍ତର୍ଭୁକ୍ତ। ଦଳ ନିୟନ୍ତ୍ରଣରେ ଜୈବିକ ପ୍ରଣାଳୀରେ ଦଳଖିଆ ମାଛ ବା ଗ୍ରାମ କାର୍ପ ୫୦ ରୁ ୧୦୦ ଗ୍ରାମ ଓଜନର ୧୦୦ ରୁ ୨୦୦ ସଂଖ୍ୟାରେ ଛାଡି ପାରିବେ। |
| | | Total No of Farmer : - 64250 Advisory Date :-7/26/2023 6:35:21 PM |
| C | 19 | ତଳିଘେରାରେ ପତ୍ରପୋଡା ରୋଗ ଦେଖାଦେଲେ ୧ ଲିଟର ପାଣିରେ ପ୍ରୋପିକୋନାଜୋଲ ୧ ମିଲି ହିସାବରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 149465 Advisory Date :-7/26/2023 6:29:00 PM |
| C | 18 | ଯେଉଁ ଚାଷୀ ଭାଇମାନେ ବାଇଗଣ ଚାରା ମୁଖ୍ୟ ଜମିରେ ରୋପଣ କରି ସାରିଛନ୍ତି, କୋଡା ଖୋସା ପରେ ଏକର ପ୍ରତି ୩୦ କି.ଗ୍ରା ୟୁରିଆ ଏବଂ ୨୦ କି.ଗ୍ରା ମୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ବଳକା ୩୦ କି.ଗ୍ରା ୟୁରିଆକୁ ଶୀର୍ଷ ସାର ରୂପେ ଚାରା ଲଗାଇବାର ୪୫ ଦିନ ପରେ ପ୍ରୟୋଗ କରନ୍ତୁ। |
| | | Total No of Farmer : - 101045 Advisory Date :-7/26/2023 6:24:22 PM |
| C | 17 | ଧାନ ବୁଣାବୁଣି ବିଳମ୍ବ ହୋଇଥିଲେ, ମଝିଆଳି ଜମିରେ ୧୧୦ – ୧୧୫ ଦିନ ମଧ୍ୟରେ ହେଉଥିବା କିସମ ସ୍ବର୍ଣ୍ଣ ଶ୍ରେୟା, ବୀଣା-୧୧, କଳିଙ୍ଗ ଧାନ ୧୨୦୧, କଳିଙ୍ଗ ଧାନ ୧୨୦୪ ଓ ଖାଲ ଜମିରେ ୧୨୫ -୧୩୦ ଦିନରେ ଅମଳ ହେଉଥିବା କିସମଗୁଡିକ ଯଥା ଲଲାଟ, ଏମ.ଟି.ୟୁ-୧୦୧୦, ଏମ.ଟି.ୟୁ-୧୦୦୧, ନବୀନ, ଏମ.ଟି.ୟୁ-୧୧୫୬ ଓ ଏମ.ଟି.ୟୁ-୧୧୫୩ ଇତ୍ୟାଦି ବୁଣନ୍ତୁ। |
| | | Total No of Farmer : - 149476 Advisory Date :-7/21/2023 1:57:42 PM |

| | | |
|---|---|---|
| C | 16 | ବର୍ତ୍ତମାନ ଅମୃତଭଣ୍ଡା ଲଗାଇବାର ପ୍ରକୃଷ୍ଟ ସମୟ । ହନିଡ୍ୟୁ, କୁର୍ଗ ହନିଡ୍ୟୁ, କୋଏମ୍ବାଟୋର-୧, କୋଏମ୍ବାଟୋର-୨, ପୁଷା ଡେଲିସିଅସ, ପୁଷା ମେଜେଷ୍ଟିକ୍, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ। ୨.୫ x ୨.୫ ମି ଦୂରତାରେ ୦.୫ x ୦.୫ x ୦.୫ ମି ଗାତକରି ଗଛ ଲଗାନ୍ତୁ। ବଳିଷ୍ଠ ଓ ନିରୋଗ ଚଳି କିମ୍ବା ଟିସୁ କଲଚର ଚଳି ଲଗାନ୍ତୁ। |
| | | Total No of Farmer : - 101046 Advisory Date :-7/21/2023 1:53:27 PM |
| C | 15 | ଲୁଣିପ୍ରବଣ/ ଲୁଣା ଅଞ୍ଚଳରେ ଏବେ ଧାନ ବୁଣାବୁଣି କରୁଥିଲେ ଜମିର କିସମ ଦେଖି ଖାଲ ଜମି ପାଇଁ ଲୁଣା ସମ୍ପଦ (୧୪୦ ଦିନ), ମଧ୍ୟମ କିସମ ଜମି ପାଇଁ ଲୁଣାଶର୍ଙ୍ଖ (୧୧୦ଦିନ)ଆଦି କିସମର ବିହନ ବୁଣନ୍ତୁ। |
| | | Total No of Farmer : - 149476 Advisory Date :-7/13/2023 10:47:10 AM |
| C | 14 | ଖାଲ କିସମ ଜମିରେ ବିଳମ୍ବରେ ଧାନ ବୁଣୁଥିଲେ ୧୪୦ ଦିନ ଅବଧିର କିସମ ଯଥା ସ୍ବର୍ଣ୍ଣ ସବ-୧, ସି.ଆର.ଧାନ ୮୦୧, ସି.ଆର.ଧାନ ୮୦୨, କଳିଙ୍ଗ ଧାନ ୧୪୦୧, କଳିଙ୍ଗ ଧାନ ୧୪୦୩ ଆଦି ବିହନ ସଂଗ୍ରହ କରି ଓ ବିଶୋଧନ କରି ଧାନ ବୁଣନ୍ତୁ। |
| | | Total No of Farmer : - 149476 Advisory Date :-7/12/2023 10:53:14 AM |
| C | 13 | ନଳିତା ଲଗାଇବାର ୫ ରୁ ୬ ସପ୍ତାହର ହୋଇ ଯାଇଥିଲେ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ। ତା ସହିତ ଗଛ ପତଳା କରି ଦିଅନ୍ତୁ। ଏକର ପିଛା ୧୭.୫ କି.ଗ୍ରା ୟୁରିଆ ସାର ପ୍ରୟୋଗ କରନ୍ତୁ। |
| | | Total No of Farmer : - 149465 Advisory Date :-7/12/2023 10:49:18 AM |
| C | 12 | ଯେଉଁ ଚାଷୀ ଭାଇ ଓ ଭଉଣୀମାନେ ନିଜ ଖରିଫ ଫସଲର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ବୀମା କରାଇବାକୁ ଚାହୁଁଛନ୍ତି ସେମାନେ ଜୁଲାଇ ୩୧ ତାରିଖ ମଧ୍ୟରେ ଆବେଦନ କରିପାରିବେ। |
| | | Total No of Farmer : - 101042 Advisory Date :-6/17/2023 12:09:12 PM |
| O | 11 | ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ହୋଇଥିବା ଫସଲ କ୍ଷୟ କ୍ଷତିର ସୂଚନା ପ୍ରଦାନ କରିବାକୁ ଚାହୁଁଥିଲେ ଗୁଗଲ ପ୍ଲେ (Google Play) ରୁ ଫସଲ ବୀମା (Crop Insurance) ଆପ୍ (App) ଡାଉନଲୋଡ କରି ସହଜରେ କରିପାରିବେ। |
| | | Total No of Farmer : - 149473 Advisory Date :-6/17/2023 12:06:17 PM |
| C | 10 | ବର୍ଷା ଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିଦେବା ଦରକାର। ଗାତରୁ ବାହାରିଥିବା ମାଟି ଓ ଗାତ ଭଲଭାବେ ଖରା ଖାଇବା ଭଲ। |
| | | Total No of Farmer : - 101046 Advisory Date :-6/8/2023 11:38:05 AM |
| C | 9 | ଜୈବିକ ଉପାୟରେ ଜମିର ଉର୍ବରତା ବୃଦ୍ଧି କରିବା ନିମନ୍ତେ ପ୍ରଥମ ଓଡ ଚାଷ ପରେ ଏକର ପ୍ରତି ୧୦ କିଗ୍ରା ଧଣିଚା . ବିହନ ବୁଣି ଦିଅନ୍ତୁ। |
| | | Total No of Farmer : - 149476 Advisory Date :-6/8/2023 11:27:12 AM |
| C | 8 | ନଡିଆ ଗଛରେ ବର୍ଷକୁ ଦୁଇଥର ଯଥା ଜୁନରୁ ଜୁଲାଇ ମାସରେ ଓ ଅକ୍ଟୋବର ମାସରେ ସାର ପ୍ରୟୋଗ କରିବା ଉଚିତ। ଗୋଟିଏ ଗଛ ପିଛା ଥରକୁ ୧୨ କି.ଗ୍ରା. ଖତ ସହ ୪୦୦ ଗ୍ରାମ ଡିଏପି, ୩୫୦ ଗ୍ରାମ ୟୁରିଆ, ୧ କି.ଗ୍ରା. ଏମଓପି ଓ ୫୦ ଗ୍ରାମ ବୋରାକ୍ସ ଅଣୁସାର ଗଛର ମୂଳରୁ ୪ ଫୁଟ ଛାଡି ୧ ଫୁଟ ଓସାରର ଗାତ କରି ସେଥିରେ ଦିଅନ୍ତୁ। |
| | | Total No of Farmer : - 101045 Advisory Date :-5/18/2023 10:21:05 AM |
| A | 7 | ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଗାଈଗୋରୁଙ୍କୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି ଲୁଣ ମିଶାଇ ଦିଅନ୍ତୁ। ଗାଈଗୋରୁମାନେ ଯେପରି ଛାଇ ସ୍ଥାନରେ ରହିବେ ସେଥି ପ୍ରତି ଦୃଷ୍ଟି ଦିଅନ୍ତୁ। |
| | | Total No of Farmer : - 108281 Advisory Date :-5/18/2023 10:17:42 AM |
| C | 6 | ବାଇଗଣ ଓ ବିଲାତି ବାଇଗଣ ଫସଲରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଯନ୍ତା ଲଗାନ୍ତୁ। ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ ଆଜାଡିରାକ୍ଟିନ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101044 Advisory Date :-5/10/2023 1:20:30 PM |

| | | |
|---|---|---|
| C | 5 | ରାଜ୍ୟର ଅଧିକାଂଶ ଜାଗାରେ ଭଲ ବର୍ଷା ହୋଇଥିବାରୁ ଘାସ ଦମନ ପାଇଁ ତଥା ମାଟିରୁ ଜାତ ପୋକର ଅଣ୍ଡା ଓ ଶୁକର ଦମନ ପାଇଁ ବର୍ତ୍ତମାନ ଖରାଟିଆ ଚାଷ କରନ୍ତୁ। ଜମିରେ ସବୁଜ ସାର ହିସାବରେ ଧଣିଚା ମଞ୍ଜିକୁ ଏକର ପ୍ରତି ୧୦ କିଗ୍ରା ହିସାବରେ ବୁଣନ୍ତୁ। |
| | | Total No of Farmer : - 149476 Advisory Date :-5/10/2023 1:18:05 PM |
| C | 4 | ବାଇଗଣ ଫସଲରେ ଗଣ୍ଡି ଏବଂ ଫଳବିନ୍ଧା ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳଗୁଡିକୁ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ। ଏକର ପ୍ରତି Leucin Lure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୨୦ ଟି ରଖନ୍ତୁ। ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ ଆଜାଡିରାକ୍ଟିନ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101044 Advisory Date :-5/3/2023 10:37:04 AM |
| C | 3 | ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳା ମାଛି ନିୟନ୍ତ୍ରଣ ନିହାତି ଜରୁରୀ। ଗଛ ୨-୩ ପତ୍ର ହେବା ଅବସ୍ଥାରେ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଯନ୍ତା ବସାନ୍ତୁ। ଏକର ପ୍ରତି ୪୦ ଗ୍ରାମ ଥାୟୋମେଥୋକ୍ସାମ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101035 Advisory Date :-5/3/2023 10:08:48 AM |
| C | 2 | ନଡିଆ ଗଛରେ କାଳିମୁଣ୍ଡି ପୋକର ନିରାକରଣ ପାଇଁ ବ୍ରାକୋନ କାର୍ଡ ଜୈବ ପରୀକ୍ଷାଗାରରୁ ଆଣି ଗଛ ବାହୁଙ୍ଗାରେ ବାନ୍ଧି ଦିଅନ୍ତୁ। ଅଧିକ ଆକ୍ରାନ୍ତ ବାହୁଙ୍ଗାକୁ କାଟି ପୋଡି ଦିଅନ୍ତୁ। ୧୦ ଲିଟର ପାଣିରେ Chlorantraniliprole 18.5% SC ୪ମିଲି କିମ୍ବା @ Emamectic Benzoate 5% SG @ ୪ ଗ୍ରାମ ମିଶାଇ ପତ୍ରରେ ସିଞ୍ଚନ କରନ୍ତୁ। |
| | | Total No of Farmer : - 101044 Advisory Date :-4/26/2023 10:36:24 AM |
| C | 1 | ଲଙ୍କାମରିଚ ଫସଲରେ ଫଳ ଶଢା ଓ ଅଗମରା ରୋଗର ପରିଚାଳନା ପାଇଁ ଏକର ପ୍ରତି Propineb 70% WP @ ୫୦୦ ଗ୍ରାମ କିମ୍ବା Difenoconazole 25% EC @ ୧୦୦ ମିଲି କିମ୍ବା Azoxystrobin 23% SC @ ୨୦୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| | | Total No of Farmer : - 101035 Advisory Date :-4/26/2023 10:33:21 AM |